ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. – ସେମିଳିଗୁଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ଜ୍ଞାନକୌଶଳ ପ୍ରସାରଣ କେନ୍ଦ୍ର
ସେମିଳିଗୁଡା, ପି. ବି.-୧୦, ସୁନାବେଡା, କୋରାପୁଟ, ଓଡ଼ିଶା- ୭୬୩୦୦୨

ସପ୍ତାହ କ୍ର.ସଂ.-୪୧ | **ପାଣିପାଗ ଜନିତ କୃଷି ଉପଦେଶ** | ତାରିଖ – ୧୨.୧୦.୨୦୧୮

**ଜିଲ୍ଲା- କୋରାପୁଟ (ଇଷ୍ଟର୍ନ ଘାଟ ହାଇ ଲ୍ୟାଣ୍ଡ ଜୋନ)**

| ଗତ ତିନି ଦିନର ପାଣିପାଗ ଅବସ୍ଥା | | | |
|---|---|---|---|
| ତାରିଖ | ୦୯.୧୦.୨୦୧୮ | ୧୦.୧୦.୨୦୧୮ | ୧୧.୧୦.୨୦୧୮ |
| ବୃଷ୍ଟିପାତ (ମି.ମି.) | ୦ | ୦ | ୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୧ | ୨୭ | ୨୧ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୧୬ | ୧୬ | ୧୯ |

## ଆସନ୍ତା ପାଞ୍ଚ ଦିନର (୧୩.୧୦.୨୦୧୮ ଠାରୁ ୧୭.୧୦.୨୦୧୮) ପାଣିପାଗର ପୂର୍ବାନୁମାନ

(ଏମ.ସି.,ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)

ଆସନ୍ତା ପାଞ୍ଚ ଦିନରେ ସ୍ୱଳ୍ପ ମାତ୍ରରେ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ମେଘୁଆ ରହିବ। ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଦିନର ସର୍ବାଧିକ ତାପମାତ୍ରା ୨୩-୨୫ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୧୮ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି । ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୯୪ ରୁ ୯୫ ଭାଗ ଏବଂ ୬୮ ରୁ ୭୪ ଭାଗ ରହିବାର ସମ୍ଭାବନା ଅଛି।

| ତାରିଖ | ୧୩.୧୦.୧୮ | ୧୪.୧୦.୧୮ | ୧୫.୧୦.୧୮ | ୧୬.୧୦.୧୮ | ୧୭.୧୦.୧୮ |
|---|---|---|---|---|---|
| ବୃଷ୍ଟିପାତ (ମି.ମି.) | ୧୮ | ୫ | ୧୦ | ୧୦ | ୫ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୨୩ | ୨୫ | ୨୫ | ୨୫ | ୨୫ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୧୮ | ୧୮ | ୧୮ | ୧୮ | ୧୮ |
| ମେଘାଚ୍ଛନ୍ନ | ୭ | ୫ | ୭ | ୭ | ୭ |
| ସର୍ବାଧିକ ଆର୍ଦ୍ରତା (%) | ୯୫ | ୯୫ | ୯୫ | ୯୫ | ୯୪ |
| ସର୍ବନିମ୍ନ ଆର୍ଦ୍ରତା (%) | ୬୮ | ୭୧ | ୭୪ | ୭୨ | ୭୦ |
| ପବନର ବେଗ (କି.ମି./ଘଣ୍ଟା) | ୩ | ୨ | ୨ | ୨ | ୨ |
| ପବନର ଦିଗ (ଡିଗ୍ରୀ) | ୧୮୪ | ୨୦୬ | ୧୮୭ | ୧୭୭ | ୨୧୫ |

## ପାଣିପାଗ ଭିତିକ କୃଷି ଉପଦେଶ

ସାଧାରଣ:

- ଜମିର ଗୋଟିଏ ଅଂଶରେ କୃଷକମାନେ ବର୍ଷାର ପାଣି ସଞ୍ଚୟ କରନ୍ତୁ ଏବଂ ଖରା ସମୟରେ ଏହା ପାଣି ଜଳସେଚନ ପାଇଁ ବ୍ୟବହାର କରନ୍ତୁ ।
- ଯଦି କୀଟନାଶକ ଔଷଧର ପ୍ରୟୋଗ ଦରକାର ହେଉଥିବ ତେବେ ପରିଷ୍କାର ପାଗ ଦେଖିକି ଔଷଧରେ ଅଠା (ସ୍ଟିକର) ମିଶାଇ ସିଞ୍ଚନ କରନ୍ତୁ ।
- ଅଧିକ ଆର୍ଦ୍ରତା ଏବଂ ମେଘାଚ୍ଛନ୍ନ ପାଇଁ ଗାଈଗୋରୁକୁ ଶୁଷ୍କ ଏବଂ ପରିଷ୍କାର ଗୁହାଳ ଘରରେ ରଖନ୍ତୁ । ଗୁହାଳ ଘର ପରିଷ୍କାର କରିବା ପାଇଁ ଚୂନ ଓ ବ୍ଲିଚିଙ୍ଗ ପାଉଡର ବ୍ୟବହାର କରନ୍ତୁ ।
- ଉଚ୍ଚାଜମି ଯେଉଁଠି ଧାନ ବୁଣା କରାଯାଇନାହିଁ ସେହିଠାରେ ବିରି, ମୁଗ, ରାଶି ଅଥବା ସବୁଜ ଗୋଖାଦ୍ୟ ଫସଲ ବୁଣନ୍ତୁ ।

ଖରିଫ ଧାନ:

- ବୁଣା ଧାନ: ମଝିଆଳି ଓ ଖାଲ ଜମିରେ ସିଧା ବୁଣା ଧାନ ୩ ସପ୍ତାହର ହୋଇଯାଇଥିଲେ ବେଉଷଣ କରନ୍ତୁ, ଏହି ସମୟରେ ଏକର ପିଛା ୩୫ କି.ଗ୍ରା. ୟୁରିଆ ପ୍ରୟୋଗ କରନ୍ତୁ ଏବଂ ଘାସ ବାଛି ଦିଅନ୍ତୁ ।
- ରୁଆ ଧାନ: ସଅଳ ରୁଆ ଧାନ ଗର୍ଭସଂଚାର ଅବସ୍ଥାରେ ଅଛି । ବର୍ତମାନ ହେକ୍ଟର ପ୍ରତି ୪୩.୫ କି.ଗ୍ରା. ୟୁରିଆ ଓ ୧୭ କି.ଗ୍ରା. ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରି ଦୁଇ ଦିନ ଜଳ ବାନ୍ଧି ରଖନ୍ତୁ ।
- ବର୍ତମାନ ପାଗରେ ଧାନ ଫସଲରେ ମହିଷା ରୋଗର ପ୍ରାଦୁର୍ଭାବ ଦେଖାଯାଏ । ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧ ଗ୍ରା. କାର୍ବେଣ୍ଡାଜିମ ୫୦% WP ଅଥବା ୦.୬ ଗ୍ରା. ଟ୍ରାଇସାଇକ୍ଲାଜୋଲ ୭୫% WP ସିଞ୍ଚନ କରନ୍ତୁ ।
- ଅଧିକ ଆର୍ଦ୍ରତା ଓ ମେଘାଛନ୍ନ ପାଇଁ ଧାନ ଜମିରେ ପତ୍ରପୋଡ଼ା ଓ ପତ୍ରଦାଗ ରୋଗର ସମ୍ଭାବନା ଥାଏ । ନିୟନ୍ତ୍ରଣ ପାଇଁ ୧୦ ଲିଟର ପାଣିରେ ୧ ଗ୍ରା. ଷ୍ଟ୍ରେପଟୋସାଇକ୍ଲିନ ଏବଂ ୨୦ ଗ୍ରା. କପର ଅକ୍ସିକ୍ଲୋରାଇଡ ମିଶାଇକି ସିଞ୍ଚନ କରନ୍ତୁ ଓ ୧୦ ଦିନ ପରେ ପୁନର୍ବାର ସିଂଚନ କରନ୍ତୁ ।
- କାଣ୍ଡବିନ୍ଧା ପୋକର ସର୍ବେକ୍ଷଣ କରିବାପାଇଁ ଜମିରେ ଫେରୋମୋନ ଯନ୍ତା ବସାନ୍ତୁ । ଏହି ପୋକର ସଂକ୍ରମଣ ଆର୍ଥିକ ଦହେଳିସୀମା ଅତିକ୍ରମ କଲେ ଏକର ପ୍ରତି ୪୦୦ମି.ଲି. ଫିପ୍ରୋନୀଲ ତରଳ ଔଷଧ ପ୍ରୟୋଗ କରନ୍ତୁ ।

ମକା:

- ମକା ୩ ସପ୍ତାହର ହୋଇଗେଲେ ଘାସ ବାଛି ଦିଅନ୍ତୁ ଏବଂ ଏକର ପିଛା ୩୫ କି.ଗ୍ରା. ୟୁରିଆ ପ୍ରୟୋଗ କରନ୍ତୁ ।

ପନିପରିବା ଫସଲ:

- ବର୍ଷାର ସମ୍ଭାବନା ହେତୁ ପନିପରିବା ଫସଲ ଜମିର ଜଳନିଷ୍କାସନ ବ୍ୟବସ୍ଥା ରଖନ୍ତୁ ଏବଂ ଜମା ପାଣିକୁ ବାହାର କରନ୍ତୁ ।
- ଭଲ ଜଳନିକାସ ହେଉଥିବା ଉଚ୍ଚଜମିରେ ଟମାଟୋ ପାଇଁ ତଳିଘରା କରନ୍ତୁ । ଏକର ପାଇଁ ୧୫୦ ରୁ ୨୦୦ ଗ୍ରାମ ବିହନ ଦରକାର ହୁଏ । ତଳିକୁ ଅଧିକ ବର୍ଷାରୁ ରକ୍ଷା କରିବା ପାଇଁ ତଳିଘରାର ଉପରେ କମ ମୂଲ୍ୟର ପ୍ଲାଷ୍ଟିକ ବ୍ୟବହାର କରନ୍ତୁ ।
- ବର୍ତମାନ ପାଗରେ ପନିପରିବା ଫସଲରେ ଚିତ୍ତରୋଗ (ବ୍ଲାଇଟ) ଦେଖାଦେବାର ସମ୍ଭାବନା ଥାଏ । ନିୟନ୍ତ୍ରଣ କରିବା ପାଇଁ ମେନକୋଜେବ ୭୫% WP ୨ ଗ୍ରା./ଲିଟର ପାଣିରେ ସିଞ୍ଚନ କରନ୍ତୁ ।
- ପନିପରିବା ଫସଲରେ ଏକବିଜପତ୍ରୀ ଘାସ ସମସ୍ୟା ଅଧିକ ହେଲେ ପ୍ରତି ଲିଟର ଜଳରେ ୨ ମି.ଲି. କୁଇଜାଲୋଫପ ଇଥାଇଲ ଘାସମରା ଔଷଧ ମିଶାଇ ସିଂଚନ କରନ୍ତୁ ।
- ବର୍ତମାନ ପାଗରେ ତଳି ଓ ମୁଖ୍ୟ ଫସଲରେ ମୂଳ ପଚା ରୋଗ ଦେଖାଦେବାର ସମ୍ଭାବନା ଥାଏ, ମୂଳ ପଚା ରୋଗ ଦାଉରୁ ରକ୍ଷା କରିବା ପାଇଁ ପ୍ରତି ଲିଟର ପାଣିରେ ୨.୫ ଗ୍ରା. କପର ଅକ୍ସିକ୍ଲୋରାଇଡ ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ, ଯେପରିକି ମାଟି ଭଲଭାବେ ଭିଜିପାରିବ ।

ବିଶେଷ ଦ୍ରଷ୍ଟବ୍ୟ: ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତୀ କେ.ଭି.କେ ବୈଜ୍ଞାନିକ ଓ ରାଜ୍ୟର କୃଷି ଅଫିସର ସହିତ ସମ୍ପର୍କ କରନ୍ତୁ।

---

ଡଃ. କେଦାରଶ୍ୱର ପ୍ରଧାନ
(ନୋଡ଼ାଲ ଅଫିସର)